# NATIONAL NEWS BULLETIN (ODIA)

**29 July - 2025**

**Morning Bulletin : 7.15 A.M.**

**************************************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଜି ମଧ୍ୟ ଜାରି ରହିବ ଅପରେସନ ସିନ୍ଦୂର ସଂପର୍କିତ ସ୍ୱତନ୍ତ୍ର ଆଲୋଚନା
- ଜାତୀୟ ଶିକ୍ଷାନୀତି-୨୦୨୦କୁ ପୂରିଲା ୫ବର୍ଷ
- ତାମିଲନାଡୁ ପ୍ରତିରକ୍ଷା ଶିଳ୍ପ କରିଡରରେ ଯାନ୍ତ୍ରିକ ଏବଂ ସାମଗ୍ରୀ କ୍ଷେତ୍ରର ପରୀକ୍ଷଣ ବ୍ୟବସ୍ଥା ସ୍ଥାପନା ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ
- ୟୁକ୍ରେନ୍ ସହ ଯୁଦ୍ଧ ବିରତି ପାଇଁ ରୁଷ୍‌କୁ ଏକ ସଂକ୍ଷିପ୍ତ ସମୟସୀମା ଧାର୍ଯ୍ୟ କଲେ ଆମେରିକା ରାଷ୍ଟ୍ରପତି

ଏବଂ

- ଓଡ଼ିଶା ସମେତ ଦେଶର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହେବା ନେଇ ସୂଚନା ଦେଲା ପାଣିପାଗ ବିଭାଗ

## ଏଲ୍ଏସ୍-ଅପରେସନ ସିନ୍ଦୂର

ଲୋକସଭାରେ ଆଜି ଅପରେସନ ସିନ୍ଦୂର ଉପରେ ସ୍ୱତନ୍ତ୍ର ଆଲୋଚନା ଜାରି ରହିବ । ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଭାରତ ଗ୍ରହଣ କରିଥିବା ଦୃଢ଼ ସଫଳ ତଥା ନିର୍ଣ୍ଣାୟକ ପଦକ୍ଷେପ ଉପରେ ପ୍ରତିରକ୍ଷା

ମନ୍ତ୍ରୀ ରାଜନାଥ ସିଂହ ଗତକାଲି ଗୃହରେ ଆଲୋଚନା ଆରମ୍ଭ କରିଥିଲେ । ଏ ସଂପର୍କରେ ଏକ ରିପୋର୍ଟ:

ଆଲୋଚନାରେ ଅଂଶ ଗ୍ରହଣ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ପହଲଗାମ ଆକ୍ରମଣ ପରିପ୍ରେକ୍ଷୀରେ ଭାରତର ସାମରିକ ପଦକ୍ଷେପ ସୀମାପାର ଆତଙ୍କବାଦ ମୁକାବିଲାରେ ଏକ ନୂତନ ସଂକେତ ପ୍ରଦାନ କରିଛି । ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତିକୁ ଏହା ସୂଚାଉଛି । ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଆଲୋଚନା ଏକସଙ୍ଗେ ଚାଲିପାରିବ ନାହିଁ ବୋଲି ମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି। ସୀମାପାର ଆତଙ୍କବାଦ ପ୍ରତିହତ କରିବାରେ ଅପରେସନ ସିନ୍ଦୂର ଏକ ନୂତନ ପର୍ଯ୍ୟାୟକୁ ଚିହ୍ନଟ କରିଛି । ଭାରତ ସିନ୍ଧୁଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଛି । ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି । ଭାରତ-ପାକିସ୍ତାନ ବିବାଦର ଅନ୍ତ ଘଟାଇବାରେ କୌଣସି ବାହ୍ୟ ମଧ୍ୟସ୍ଥତାକୁ ଦୃଢ଼ଭାବେ ଅସ୍ୱୀକାର କରି ମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି ଏଥିରେ ଆମେରିକାର କୌଣସି ଭୂମିକା ନାହିଁ ।

ଆଲୋଚନା ଆରମ୍ଭ କରି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଥିଲେ ଅପରେସନ ସିନ୍ଦୂର କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଭାରତର ସାର୍ବଭୌମତ୍ୱ ପରିଚୟ ପ୍ରଦାନ କରିଛି । ସୀମାପାର ୯ଟି ଆତଙ୍କବାଦୀ ଭିତ୍ତିଭୂମିକୁ ଭାରତୀୟ ସେନା ଧ୍ୱଂସ କରିବା ସହ ୧୦୦ରୁ

ଅଧିକ ଆତଙ୍କବାଦୀ ଓ ସେମାନଙ୍କର ପ୍ରଶିକ୍ଷକ ଏବଂ ପରିଚାଳନାକାରୀ ନିହତ ହୋଇଥିଲେ ବୋଲି ସେ କହିଛନ୍ତି ।

ଆଲୋଚନାରେ ଅଂଶ ଗ୍ରହଣ କରି କଂଗ୍ରେସ ନେତା ଗୌରବ ଗୋଗୋଇ ଜାମ୍ମୁ କାଶ୍ମୀରର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ । ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ପାକିସ୍ତାନକୁ ଆର୍ଥିକ ସହାୟତା ପ୍ରଦାନ ଭାରତୀୟ କୂଟନୀତିର ବିଫଳତାକୁ ଦର୍ଶାଉଛି ବୋଲି ସେ କହିଥିଲେ । ସମାଜବାଦୀ ପାର୍ଟିର ରମାଶଙ୍କର ରାଜଭର ସମମତ ପୋଷଣ କରିଥିଲେ । ମନ୍ତ୍ରୀ ରାଜୀବ ରଂଜନ ସିଂ ସଶସ୍ତ୍ର ବାହିନୀର ବୀରତ୍ୱ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ।

ଏହି ଆଲୋଚନାରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଅଂଶ ଗ୍ରହଣ କରିଥିଲେ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା

# ପିଏମ୍-ପାର୍ଲାମେଣ୍ଟ ସ୍ପିଚ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ଅପରେସନ ସିନ୍ଦୂର ଆଲୋଚନାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ବକ୍ତବ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦୁଇ ନେତାଙ୍କ ବକ୍ତବ୍ୟ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ଡକ୍ଟର ଜୟଶଙ୍କର ତାଙ୍କ ବକ୍ତବ୍ୟରେ ଆତଙ୍କବାଦ ବିରୁଦ୍ଧରେ ଭାରତର ପଦକ୍ଷେପ ନେଇ ବିଶ୍ୱ ଦୃଷ୍ଟିକୋଣକୁ

ଉପସ୍ଥାପନ କରିଥିଲେ । ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ ଭାରତୀୟ ସେନାର ବୀରତ୍ୱ, ଦୃଢ଼ ମନୋବଳ, ଦେଶମାତୃକା ପ୍ରତି ପ୍ରତିଜ୍ଞାକୁ ଉପସ୍ଥାପନ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଏନ୍ଇପି-୫ ଇୟର୍ସ

ଜାତୀୟ ଶିକ୍ଷାନୀତି-୨୦୨୦କୁ ଆଜି ପାଞ୍ଚବର୍ଷ ପୂରଣ ହୋଇଛି । ଦେଶରେ ଅନ୍ତର୍ଭୁକ୍ତିକରଣ, ଶିକ୍ଷାର୍ଥୀ କୈନ୍ଦ୍ରିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତି ମୂଳଦୁଆ ପକାଇଛି । ପାଠ୍ୟପୁସ୍ତକ, ପରୀକ୍ଷାରେ ନମ୍ବର ଆଦି ମଧ୍ୟରେ ଶିକ୍ଷାକୁ ସୀମିତ ନ ରଖି ବିଦ୍ୟାଳୟର ବାତାବରଣକୁ ଅଧିକ ବିକଶିତ କରିବା ଲକ୍ଷ୍ୟ ନେଇ ଏହି ନୀତି ପ୍ରଚଳନ କରାଯାଇଛି । ଶୈକ୍ଷିକ ବାତାବରଣ ସଂସ୍କାର ମାଧ୍ୟମରେ ଏହି ନୀତିର ପ୍ରଭାବ ପ୍ରତ୍ୟେକ କ୍ଷେତ୍ରରେ ପରିଦୃଶ୍ୟ ହେଉଛି । ଜାତୀୟ ଶିକ୍ଷାନୀତି ୮ ଲକ୍ଷ ୯୦ହଜାର ବିଦ୍ୟାଳୟରେ ୪ କୋଟି ୨୦ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି । ଏହା ମାଧ୍ୟମରେ ୧ ହଜାରରୁ ଅଧିକ ଆଇ.ଏସ୍.ଏଲ୍.ଭିଡ଼ିଓ ଏବଂ କଥୋପକଥନ ପୁସ୍ତକ ବିକଶିତ ହୋଇଛି । ସିବିଏସ୍ଇ ବୋର୍ଡ ପରୀକ୍ଷାରେ ଏବେ ୫୦ ପ୍ରତିଶତ ଦକ୍ଷତା ଆଧାରିତ ପ୍ରଶ୍ନକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ନୀତି ଅଧୀନରେ **ନିଷ୍ଠା ଶିକ୍ଷକ ତାଲିମ କାର୍ଯ୍ୟକ୍ରମ** ଦ୍ୱାରା ୪ଲକ୍ଷରୁ ଅଧିକ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ବାଲ୍ ବାଟିକା, ଯାଦୁଇ ପିଟାରା ଏବଂ ପ୍ରଶସ୍ତ ଆପ୍ ସମେତ ଅନ୍ୟାନ୍ୟ ପଦକ୍ଷେପ ବହୁଭାଷୀ ଏବଂ ସାମଗ୍ରିକ ଶିକ୍ଷାକୁ ପ୍ରୋତ୍ସାହନ ପ୍ରଦାନ କରିଛି । ଭାରତୀୟ ଭାଷାକୁ ପ୍ରୋତ୍ସାହନ ପ୍ରଦାନ ସହିତ ଆଞ୍ଚଳିକ ବୈଷମ୍ୟ ହ୍ରାସ

କରିବାରେ ଏହି ନୀତି ସହାୟକ ହୋଇଛି । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ଉନ୍ନତି କରିବାର ସୁଯୋଗ ଜାତୀୟ ଶିକ୍ଷାନୀତି ସୃଷ୍ଟି କରିପାରିଛି ।

## ଡିଫେନ୍ସ-ଏମ୍ଓୟୁ

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ତାମିଲନାଡୁ ପ୍ରତିରକ୍ଷା ଶିଳ୍ପ କରିଡରରେ ଯାନ୍ତ୍ରିକ ଏବଂ ସାମଗ୍ରୀ କ୍ଷେତ୍ରରେ ଏକ ପରୀକ୍ଷଣ ବ୍ୟବସ୍ଥା ସ୍ଥାପନ କରାଯିବ । ନୂଆଦିଲ୍ଲୀରେ ପ୍ରତିରକ୍ଷା ଉତ୍ପାଦନ ସଚିବ ସଞ୍ଜୀବ କୁମାରଙ୍କ ଉପସ୍ଥିତିରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ତାମିଲନାଡୁ ଶିଳ୍ପ ବିକାଶ ନିଗମ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପରୀକ୍ଷଣ ବ୍ୟବସ୍ଥା ସରକାରୀ ଏବଂ ଘରୋଇ ଶିଳ୍ପ କ୍ଷେତ୍ରକୁ ଉନ୍ନତ ପରୀକ୍ଷଣ ଉପକରଣ ଏବଂ ସେବା ପ୍ରଦାନ କରିବାରେ ସହାୟକ ହେବ ବୋଲି ମନ୍ତ୍ରଣାଳୟ କହିଛି । ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ଏହାକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

## ଟ୍ରମ୍ପ-ନିଉ ଡେଡ୍ଲାଇନ୍ ରୁଷ୍

ୟୁକ୍ରେନ୍ ସହ ଯୁଦ୍ଧ ବିରତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ୍‌କୁ ଏକ ସଂକ୍ଷିପ୍ତ ସମୟସୀମା ପ୍ରଦାନ କରିଛନ୍ତି । ଶ୍ରୀ ଟ୍ରମ୍ପ ଗତକାଲିଠାରୁ ୧୦/ ୧୨ ଦିନ ମଧ୍ୟରେ ଯୁଦ୍ଧ ବିରତି ନିଷ୍ପତ୍ତି ନେବାକୁ ରୁଷ୍ ପାଇଁ ସମୟସୀମା ଧାର୍ଯ୍ୟ କରିଛନ୍ତି । ଶାନ୍ତି ପ୍ରତିଷ୍ଠା ଦିଗରେ ଅଗ୍ରଗତି ହେଉନଥିବାରୁ ଅଧିକ ସମୟ ପ୍ରଦାନର ଆବଶ୍ୟକତା ନାହିଁ ବୋଲି ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ କହିଛନ୍ତି । ଦୁଇସପ୍ତାହ ପୂର୍ବରୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନଙ୍କ ସମ୍ମୁଖରେ ଯୁଦ୍ଧ ସମାପ୍ତ କରିବା ପାଇଁ ଶ୍ରୀ ଟ୍ରମ୍ପ ୫୦ ଦିନର ସମୟ ଧାର୍ଯ୍ୟ

କରିଥିଲେ । ଅନ୍ୟଥା ରୁଷ୍ କଠୋର ଶୁଳ୍କର ସମ୍ମୁଖୀନ ହେବ ବୋଲି ଶ୍ରୀ ଟ୍ରମ୍ପ ଚେତାବନୀ ଦେଇଥିଲେ । ସ୍କଟ୍‌ଲ୍ୟାଣ୍ଡ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଟ୍ରମ୍ପ ଏହି ନୂତନ ସମୟସୀମା ସଂପର୍କରେ ସୂଚନା ଦେଇଛନ୍ତି । ଶ୍ରୀ ଟ୍ରମ୍ପ କହିଥିଲେ ରୁଷ୍ ସହିତ ବାଣିଜ୍ୟ କାରବାର କରୁଥିବା ଦେଶଗୁଡ଼ିକ ଉପରେ ଜୁଲାଇ ମାସ ଆରମ୍ଭରୁ ଶତପ୍ରତିଶତ ଟିକସ ଲାଗୁ କରାଯିବ । ସ୍କଟ୍‌ଲ୍ୟାଣ୍ଡ୍‌ଠାରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କୀର୍ ଷ୍ଟାରମର୍‌ଙ୍କ ସହ ଏକ ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଟ୍ରମ୍ପ ୟୁକ୍ରେନ୍‌ରେ ରୁଷ୍‌ର ସାମରିକ କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ କରିଥିଲେ ।

## ଆମେରିକା-ଇରାନ

ଆମେରିକା ଓ ଇସ୍ରାଏଲ୍’ ଇରାନ୍ ଉପରେ ପୁନର୍ବାର ଆକ୍ରମଣ କଲେ ନିର୍ଣ୍ଣାୟକ ଜବାବ ଦିଆଯିବ ବୋଲି ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅର୍ଘାଚୀ ଚେତାବନୀ ଦେଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ମନ୍ତବ୍ୟର ପ୍ରତିକ୍ରିୟାରେ ଶ୍ରୀ ଅର୍ଘାଚୀ ଏହା କହିଛନ୍ତି । ଇରାନ ପରମାଣୁ କାର୍ଯ୍ୟକ୍ରମ ପୁନଃ ଆରମ୍ଭ କଲେ ଏହାର ଭିତ୍ତିଭୂମିକୁ ସଂପୂର୍ଣ୍ଣ ନଷ୍ଟ କରିଦିଆଯିବ ବୋଲି ଗତମାସରେ ଆମେରିକା ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ଚେତାବନୀ ଦେଇଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଅର୍ଘାଚୀ କହିଛନ୍ତି, ଆମେରିକା ଏବଂ ଇସ୍ରାଏଲ୍‌ର ପୁନଃ ଆକ୍ରମଣର ନିର୍ଣ୍ଣାୟକ ଜବାବ ଦେବାରେ ଇରାନ ଦ୍ୱିଧା ପ୍ରକାଶ କରିବ ନାହିଁ । ଇସ୍ରାଏଲ୍ ଆକ୍ରମଣ ଫଳରେ ଗତ ଏପ୍ରିଲ୍ ମାସରେ ଆରମ୍ଭ ହୋଇଥିବା ଆମେରିକା-ଇରାନ ପରମାଣୁ ଆଲୋଚନା ବାଧାପ୍ରାପ୍ତ ହୋଇଛି ।

## ୟୁଏନ୍‌ଏସ୍‌ଜି-ଗାଜା

ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ସଂଘର୍ଷ ଏକ ବିପଦପୂର୍ଣ୍ଣ ସ୍ଥିତିରେ ପହଞ୍ଚିଛି ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସତର୍କ କରାଇଛନ୍ତି । ନିଉୟର୍କରେ ଗତକାଲି ଏକ ଶାନ୍ତି ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଗୁଟେରସ୍ ଯୁଦ୍ଧ ବିରତି ପାଇଁ ଜରୁରୀ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି । ଉଭୟ ରାଷ୍ଟ୍ର ମଧ୍ୟରେ ସମାଧାନର ଆଶା କ୍ଷୀଣ ହୋଇଯାଉଛି । ପାଲେଷ୍ଟାଇନ୍ ପ୍ରଶ୍ନ ଉପରେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଉଚ୍ଚସ୍ତରୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯିବା ପରିପ୍ରେକ୍ଷୀରେ ଶ୍ରୀ ଗୁଟେରସ୍ ଫ୍ରାନ୍ସ ଏବଂ ସାଉଦିଆରବକୁ ଉଚ୍ଚପ୍ରଶଂସା କରିଛନ୍ତି । ତେବେ ଏହି ସମ୍ମିଳନୀର ନିଷ୍କର୍ଷର କାର୍ଯ୍ୟାନ୍ୱୟନ ଏକ ବିରଳ ଏବଂ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିବ । ସମ୍ମିଳନୀକୁ ଆଲୋଚନାର ଏକ ମାଧ୍ୟମ ଭାବେ ପରିଗଣିତ ନ କରି ଏହାକୁ କାର୍ଯ୍ୟରେ ପ୍ରତିଫଳନ କରିବାକୁ ଶ୍ରୀ ଗୁଟେରସ୍ ବିଶ୍ୱନେତାଙ୍କୁ ଅନୁରୋଧ କରିଛନ୍ତି ।

## ଏସ୍‌ସି-ଏସ୍‌ଆଇଆର୍ ବିହାର

ଆସନ୍ତା ପହିଲାରେ ବିହାର ସ୍ୱତନ୍ତ୍ର ସଂଶୋଧିତ ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ରହିତାଦେଶ ଜାରି କରିବାକୁ ସୁପ୍ରିମ୍‌କୋର୍ଟ୍ ଅଗ୍ରାହ୍ୟ କରିଛନ୍ତି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠରେ ଏହି ମାମଲାର ବିସ୍ତୃତ ଶୁଣାଣି ହୋଇପାରି ନାହିଁ । ତେବେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଆଜି ସୂଚନା ପ୍ରଦାନ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି । ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ପକ୍ଷରୁ

ଆଗତ ଏହି ମାମଲାରେ ଚିଠା ତାଲିକା ପ୍ରକାଶନ ବନ୍ଦ କରିବାକୁ କୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା ।

ଆଧାରକାର୍ଡ଼, ନିର୍ବାଚନ ଫଟୋ ପରିଚୟପତ୍ର ଏବଂ ରାସନ୍‌କାର୍ଡ଼ ଭିତ୍ତିରେ ତାଲିକା ସଂଶୋଧନ ନେଇ ସୁପ୍ରିମ୍‌କୋର୍ଟ୍ ଗତ ୧୦ ତାରିଖରେ ଦେଇଥିବା ନିର୍ଦ୍ଦେଶକୁ ନିର୍ବାଚନ କମିଶନ୍ ପାଳନ କରି ନାହାନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ।

## ଓ୍ୱେଦର୍

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ପୂର୍ବରାଜସ୍ଥାନ, ବିହାର, ହିମାଚଳପ୍ରଦେଶ, ମଧ୍ୟପ୍ରଦେଶ ଏବଂ ପଶ୍ଚିମ ଉତ୍ତରପ୍ରଦେଶରେ ପ୍ରବଳରୁ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି । ଦିଲ୍ଲୀର କେତେକ ଅଞ୍ଚଳ, ହରିଆଣା, ଚଣ୍ଡୀଗଡ଼, ଗୁଜରାଟ, କର୍ଣ୍ଣାଟକ, ଓଡ଼ିଶା, ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, କେରଳ, ମାହେ ଏବଂ ଉତ୍ତର-ପୂର୍ବ ରାଜ୍ୟର କେତେକ ଅଞ୍ଚଳରେ  ଆଜି ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ । ଆଣ୍ଡାମାନ ନିକୋବର ଦ୍ୱିପପୁଞ୍ଜ, ବିହାର, ଜାମ୍ମୁକାଶ୍ମୀର, ଲଦାଖ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ସିକିମ୍ ଏବଂ ଓଡ଼ିଶାରେ କେତେକ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।